ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1279/12-02-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୨ଫେବୃଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ଆଜି ଏକ ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟର ୫୩ ଲକ୍ଷ କୃଷକଙ୍କୁ ୨୦୦୦ ଟଙ୍କା ହିସାବରେ ୧୨୭୨ କୋଟି ଟଙ୍କାର ‘ କାଳିଆ’ ସହାୟତା ପ୍ରଦାନ କରି କୃଷକମାନଙ୍କର ଆୟବୃଦ୍ଧି ଘଟିବ ବୋଲି ଆଶାପ୍ରକାଶ କରିଛନ୍ତି । ସେ କହିଛନ୍ତି ‘ମୁଁ ଚାହେଁ ଯେ ମୋ ରାଜ୍ୟର କୃଷକମାନେ ସେମାନଙ୍କ ଉତ୍ପାଦର ଉପଯୁକ୍ତ ମୂଲ୍ୟ ପାଆନ୍ତୁ ଏବଂ ଏକ ସମ୍ମାନଜନକ ଜୀବନଯାପନ କରନ୍ତୁ ।’

- ମାନ୍ୟବର ମୁଖ୍ୟମନ୍ତ୍ରୀ କୃଷିକୁ ଆମ ଅର୍ଥନୀତିର ଏକ ପ୍ରମୁଖ ଶକ୍ତି ବୋଲି ବର୍ଣ୍ଣନା କରି କହିଛନ୍ତି ଯେ କୃଷକମାନଙ୍କର ସାହସ ଓ କଠିନ ପରିଶ୍ରମ ଯୋଗୁଁ କୃଷି କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଛି । ମାନ୍ୟବର ମୁଖ୍ୟମନ୍ତ୍ରୀ ଏହି ମର୍ମରେ କୃଷକମାନଙ୍କର ପ୍ରତିବଦ୍ଧତା ଓ ଶ୍ରମ ପ୍ରତି ତାଙ୍କର ସମ୍ମାନ ଜଣାଇଛନ୍ତି । ସେ ପୁଣି କହିଛନ୍ତି ଯେ ରାଜ୍ୟ ସରକାର କୃଷି ଉତ୍ପାଦର ବିପଣନ ପାଇଁ ଭିତ୍ତିଭୂମିର ବିକାଶ ଉଦ୍ଦେଶ୍ୟରେ ଅନେକ ପଦକ୍ଷେପ ନେଇଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକମାନେ ରାଜ୍ୟ ଦ୍ୱାରା ପ୍ରଦତ୍ତ ବିଭିନ୍ନ କୃଷିଭିତ୍ତିକ ଯୋଜନାର ଲାଭ ପାଇବା ସହିତ ରାଜ୍ୟର ବିକାଶକୁ ଆଗକୁ ନେବେ ବୋଲି ଆଶା ପ୍ରକାଶ କରିଛନ୍ତି । ମାନ୍ୟବର ମୁଖ୍ୟମନ୍ତ୍ରୀ ‘କାଳିଆ’ ସହାୟତାରେ ଉପକୃତ ବିଭିନ୍ନ ଜିଲ୍ଲାର କେତେକ କୃଷକଙ୍କ ସହ ଆଲୋଚନା କରିଥିଲେ । କୃଷକମାନେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ପ୍ରତି ସେମାନଙ୍କର କୃତଜ୍ଞତା ଜ୍ଞାପନ କରିବା ସହ ‘କାଳିଆ’ ଯୋଜନାରେ ଉପକୃତ ହୋଇଥିବା ବିଷୟରେ ଉଲ୍ଲେଖ କରିଥିଲେ ।

- ମାନ୍ୟବର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶ୍ରୀ ଅରୁଣ କୁମାର ସାହୁ, ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେଶ କୁମାର ମହାପାତ୍ର, ଖାଦ୍ୟ ଉତ୍ପାଦନ କମିଶନର ଶ୍ରୀ ରାଜ କୁମାର ଶର୍ମା, କୃଷି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ସୌରଭ ଗର୍ଗ, ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଓ ଶାସନ ସଚିବ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିବାବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-‘ଟି’) ଶ୍ରୀ ଭି.କେ. ପାଣ୍ଡିଆନ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

**‘ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ’**

- ମାନ୍ୟବର ମୁଖ୍ୟମନ୍ତ୍ରୀ ଏକାମ୍ର କ୍ଷେତ୍ରର ଅନନ୍ତବାସୁଦେବ ଓ ବ୍ରହ୍ମେଶ୍ୱର ମନ୍ଦିର ସଂପର୍କିତ ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷଙ୍କ 'ଡ୍ରାଫ୍ଟ ବାଇ-ଲ'କୁ କେନ୍ଦ୍ର ସରକାର ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି । ସମ୍ବେଦନଶୀଳ ଧାର୍ମିକ ପ୍ରସଙ୍ଗଗୁଡ଼ିକ ଉପରେ ରାଜ୍ୟକୁ ବିଶ୍ୱାସକୁ ନେବା କେନ୍ଦ୍ରୀୟ ସଂସ୍ଥାଗୁଡ଼ିକ ପାଇଁ ଉପଯୁକ୍ତ କାର୍ଯ୍ୟ ହୋଇଥାନ୍ତା ବୋଲି ସେ କହିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶାର ସମସ୍ତ ସାଂସଦମାନଙ୍କୁ କେନ୍ଦ୍ର ସରକାର ତଥା କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ସିଂ ପଟେଲ୍ ନିକଟରେ ଏପରି ସମ୍ବେଦନଶୀଳ ପ୍ରସଙ୍ଗ ଉଠାଇବା ପାଇଁ ନିବେଦନ କରିଛନ୍ତି । ସେ କହିଛନ୍ତି ଯେ ଏପରି ପ୍ରସଙ୍ଗ ଓଡ଼ିଶାର ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବନା, ସେବାୟତମାନଙ୍କ ଜୀବନଜୀବିକା ଏବଂ ପ୍ରଭୁ ଲିଙ୍ଗରାଜଙ୍କ ନୀତିଗୁଡ଼ିକର ସୁଚାରୁ ପରିଚାଳନା ସହିତ ଜଡ଼ିତ ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୯,୭୯,୩୧୨ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୬,୦୪୨ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୩୩,୨୮୦ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୯୧୦ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା 799 ରହିଛି ।
- 799 ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ପଠାଣି ରାଉତ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**